# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ବିରିଡି

**ବିଜ୍ଞାପନ ସଂଖ୍ୟା :**-୫୨୪-------------**// ତାରିଖ:**-୦୫.୦୮.୨୦୨୫-----------

ଏତଦ୍ୱାରା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ବିରିଡି ଅଧିନସ୍ଥ ନିମ୍ନଲିଖିତ ନିମ୍ନଲିଖିତ ଅଙ୍ଗନବାଡି କେନ୍ଦ୍ର ପରିସର ଭୁକ୍ତ ଅଞ୍ଚଳର (service area) ୱାର୍ଡ/ଗ୍ରାମ) ଅଞ୍ଚଳର ଜନସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ ଉକ୍ତ ଅଙ୍ଗନବାଡି କେନ୍ଦ୍ର ଗୁଡିକର ଅଙ୍ଗନବାଡି କର୍ମୀ ପଦବୀ ଖାଲି ଅଛି । ଏହି ପଦବୀରେ ନିଯୋଜନ ନିମନ୍ତେ ଓଡିଶା ସରକାର ମହିଳା ଓ ଶିଶୁ ବିକାଶ ବିଭାଗ ଙ୍କ ନିର୍ଦ୍ଦେଶାବଳୀ ସଂଖ୍ୟା -୪୯୭୦, ତାରିଖ ୧୫.୦୩.୨୦୨୩ ତଥା ପରବର୍ତୀ ସମୟରେ ସଂଶୋଧିତ ନିର୍ଦ୍ଦେଶାବଳି ମୁତାବକ ନିମ୍ନଲିଖିତ ଯୋଗ୍ୟତା ଓ ସର୍ତ୍ତାବଳୀ ଥାଇ ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ର ପରିସର ଭୁକ୍ତ ଅଞ୍ଚଳର ମହିଳାଙ୍କ ଠାରୁ ନିର୍ଦ୍ଧାରିତ ଫର୍ମ ରେ ଅନଲାଇନ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ପ୍ରାର୍ଥିନୀ ମାନେ ତା ୦୭.୦୮.୨୦୨୫ ରିଖ ଠାରୁ ୨୦.୦୮.୨୦୨୫ ରିଖ ମଧ୍ୟରେ ଅନଲାଇନ ମାଧ୍ୟମରେ website "http://engagement-awc.odisha.gov.in" କୁ ଯାଇ ଆବଶ୍ୟକୀୟ ଫର୍ମ ପୂରଣ କରି ନିଜର ପ୍ରମାଣ ପତ୍ର ସହିତ ଆବେଦନ କରିବେ। **ଅନଲାଇନ ମାଧ୍ୟମରେ ଦରଖାସ୍ତ ଗ୍ରହଣର ଶେଷ ତାରିଖ ୨୦.୦୮.୨୦୨୫** । ନିର୍ଦ୍ଧାରିତ ସମୟ ପରେ କରାଯାଇଥିବା କିମ୍ବା ଅସମ୍ପୂର୍ଣ୍ଣ ଆବେଦନ ପତ୍ରଗୁଡ଼ିକ ବିଚାରକୁ ନିଆଯିବ ନାହି ।

ଅଙ୍ଗନବାଡି କର୍ମୀ ପଦବୀ ଖାଲିଥିବା ଅଙ୍ଗନବାଡି କେନ୍ଦ୍ର ପରିସର ଭୁକ୍ତ ଅଞ୍ଚଳର ସବିଶେଷ ବିବରଣୀ।

| କ୍ର.ନ | ଖାଲିଥିବା ଅଙ୍ଗନବାଡି କେନ୍ଦ୍ର ର ନାମ | ଗ୍ରାମ ପଞ୍ଚାୟତର ନାମ | ଅ.କେନ୍ଦ୍ର ପରିସର ଭୁକ୍ତ ଅଞ୍ଚଳ (ଅଙ୍ଗନବାଡି ସର୍ଭେ ଖାତା ଅନୁଯାଇ) | |
|---|---|---|---|---|
| | | | ୱାର୍ଡ ନମ୍ବର | କାହା ଘର ଠାରୁ କାହା ଘର ପର୍ଯ୍ୟନ୍ତ |
| ୧ | ୨ | ୩ | ୪ | ୫ |
| ୧ | କମଳପୁର | ପୂରଣ | ୦୨ | ଘରନଂ ୦୧ ବିଶ୍ୱପ୍ରସନ୍ନ ପଟ୍ଟନାୟକ ଙ୍କ ଘର ଠାରୁ ଘରନଂ ୮୨ ରବୀନ୍ଦ୍ରନାଥ ମଲ୍ଲିକ ଙ୍କ ଘର ପର୍ଯ୍ୟନ୍ତ । |
| | | | ୦୫ | ଘର ନଂ ୮୩ ରାଧାବଲ୍ଲଭ ବେହେରା ଙ୍କ ଘର ଠାରୁ ଘର ନଂ ୧୦୨ ସୌଭାଗ୍ୟ କୁମାର ଦାସ ଙ୍କ ଘର ପର୍ଯ୍ୟନ୍ତ । |
| ୨ | ପୂରଣ-୧ | ପୂରଣ | ୧୬ | ଘର ନଂ ୦୧ ଗେଲ୍ହି ଭୋଇ ଙ୍କ ଘର ଠାରୁ ଘର ନଂ ୯୧ ଅଜୟ କୁମାର ଭୋଇ ଙ୍କ ଘର ପର୍ଯ୍ୟନ୍ତ । |
| | | | ୧୭ | ଘର ନଂ ୯୨ ସଞ୍ଜୁକ୍ତା ମିଶ୍ର ଙ୍କ ଘର ଠାରୁ ଘର ନଂ ୧୮୯ ଆଦିକନ୍ଦ ବେହେରା ଙ୍କ ଘର ପର୍ଯ୍ୟନ୍ତ । |
| | | | ୧୯ | ଘର ନଂ ୪୧ ସୁକାନ୍ତ ଭୋଇ ଙ୍କ ଘର ଠାରୁ ଘର ନଂ ୭୧ ନାରାୟଣ ଭୋଇ ଙ୍କ ଘର ପର୍ଯ୍ୟନ୍ତ । |

**ଯୋଗ୍ୟତା-**

୧ । ପ୍ରାର୍ଥିନୀ ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ର ପରିସରଭୁକ୍ତ ଅଞ୍ଚଳ(ସର୍ଭିସ ଏରିଆ) ର ସ୍ଥାୟୀ ବାସିନ୍ଦା ହୋଇଥିବେ।

୨। ଶିକ୍ଷାଗତ ଯୋଗ୍ୟତା: ଅନ୍ୟୁନ୍ୟ ଦ୍ୱାଦଶ ଶ୍ରେଣୀ ( +୨ ) ପାସ ହୋଇଥିବ ।

୩। ପ୍ରାର୍ଥିନୀ ଓଡିଆରେ ସପ୍ତମ/ଦଶମ ଶ୍ରେଣୀ ପାସ କରିଥିବେ ଓ ଓଡିଆଭାଷା ରେ ଲେଖି ପଢ଼ି ଜାଣିଥିବେ।

୪। ବୟସ: ପ୍ରାର୍ଥିନୀଙ୍କ ବୟସ ତା ୦୧.୦୧,୨୦୨୫ ସୁଦ୍ଧା ୧୮ ବର୍ଷରୁ କମ କିମ୍ବା ୩୫ ବର୍ଷରୁ ଉର୍ଦ୍ଧ ହୋଇ ନ ଥିବ ।

ଉପର ଲିଖିତ ଯୋଗ୍ୟତା ମାନ ଥାଇ ପ୍ରାର୍ଥିନୀ ଯଦି ଅନୁ ସୂଚିତ ଜାତି ଓ ଜନ ଜାତି /ବିଧବା /ଅନାଥ /ଭିନ୍ନକ୍ଷମ / ସ୍ୱାମୀ ପରିତ୍ୟକ୍ତା / ନିରାଶ୍ରୟ /ଅସହାୟା/ଅଧିକ ଶିକ୍ଷାଗତ ଯୋଗ୍ୟତା ଯୁକ୍ତା ହୋଇଥିବେ ,ତେବେ ସେମାନଙ୍କୁ ସରକାରଙ୍କ ନିୟମ ମୁତାବକ ଅତିରିକ୍ତ ମୂଲ୍ୟାୟନ ଦିଆଯିବ । ପ୍ରାର୍ଥିନୀ ଅଙ୍ଗନବାଡି ସହାୟିକା ରୂପେ ୫ ବର୍ଷର ଅଭିଜ୍ଞତା ଏବଂ ଆବଶ୍ୟକୀୟ ଶିକ୍ଷାଗତ ଯୋଗ୍ୟତା ଥିଲେ ତାଙ୍କୁ ଅଗ୍ରାଧିକାର ଦିଆଯିବ ।

ଅ.ପୃ.ଦ୍ର

**ସର୍ତ୍ତାବଳୀ –**

୧। ଅଙ୍ଗନବାଡି କର୍ମୀ ଜଣେ ସ୍ୱେଚ୍ଛା ସେବିକା (volunteer) ଯେ କି ପାରିଶ୍ରମିକ ବାବଦକୁ (ବର୍ତ୍ତମାନ ମାସିକ ୧୦,୦୦୦/- (ଦଶହଜାରେ) ଟଙ୍କା ମାତ୍ର) ପାଇ (ୱାର୍ଡ /ଗ୍ରାମ) ବାସିନ୍ଦା ଙ୍କ ସହଯୋଗ କ୍ରମେ/ହରିଜନ, ଆଦିବାସୀ ତଥା ସମାଜର ପଛୁଆ ବର୍ଗର ଶିଶୁ ଓ ମହିଳା ମାନଙ୍କର ସେବା କରିବାକୁ ଅଙ୍ଗୀକାରବଦ୍ଧ ଥିବେ।

୨।ଏଥିରେ ଯେଉଁ ନିଯୋଜନ Engagement ଦିଆଯିବ ତାହା ସମ୍ପୂର୍ଣ୍ଣ ଅସ୍ଥାୟୀ । କୌଣସି ସ୍ଥାୟୀ ଦରମା ବ୍ୟବସ୍ଥା ଥାଇ ସରକାରୀ କିମ୍ବା ବେସରକାରୀ କର୍ମୀ ନିଯୁକ୍ତି ପରିସର ଭୁକ୍ତ ନୁହେଁ । ଏହି ନିଯୁକ୍ତି କୁ ଭବିଷ୍ୟତରେ କୌଣସି ସ୍ଥାୟୀ କର୍ମ ନିଯୋଜନ ଦାବି କରିପାରିବେ ନାହିଁ । ଯେ କୌଣସି ସମୟରେ ବିନା ନୋଟିସ ରେ କାର୍ଯ୍ୟରୁ ବହିଷ୍କାର କରାଯାଇ ପାରିବ।

**ପ୍ରାର୍ଥିନୀ ମାନଙ୍କଠାରୁ ପାଇଥିବା ଦରଖାସ୍ତ ଗୁଡିକୁ ତା ୨୧.୦୮.୨୦୨୫ ରିଖ ଦିନ ଚୟନ କମିଟି ଦ୍ୱାରା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,ବିରିଡି ଙ୍କ କାର୍ଯ୍ୟାଳୟରେ ଦିବା ୧୧.୦୦ ଘଟିକା ଠାରୁ ଅପରାହ୍ଣ ୩.୦୦ ଘଟିକା ମଧ୍ୟରେ ଯାଞ୍ଚ କରାଯିବ। ପ୍ରାର୍ଥିନୀ ମାନେ ନିଜେ ଉପସ୍ଥିତ ରହି ନିଜର ସମସ୍ତ ମୂଳ ପ୍ରମାଣ ପତ୍ର ଯାଞ୍ଚ କରାଇବେ।ନିର୍ଦ୍ଧାରିତ ଦିବସ ଏବଂ ସମୟ ମଧ୍ୟରେ ରେ ମୂଳ ପ୍ରମାଣପତ୍ର ଯାଞ୍ଚ କରେଇ ନ ପାରିଲେ କିମ୍ବା ଯାଞ୍ଚ ସମୟରେ ମୂଳ ପ୍ରମାଣପତ୍ର ଦେଖାଇ ନ ପାରିଲେ ଉକ୍ତ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ** । ସମସ୍ତ ଦରଖାସ୍ତ ଗୁଡିକ ମୂଳ ପ୍ରମାଣପତ୍ର ସହିତ ଯାଞ୍ଚ କଲାପରେ ପ୍ରମାଣ ପାତ୍ର ଯାଞ୍ଚ କରାଇଥିବା ଆବେଦନକାରୀଙ୍କ ଏକ ତାଲିକା ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ର /ସମ୍ପୃକ୍ତ ଗ୍ରାମପଞ୍ଚାୟତ /ପଞ୍ଚାୟତ ସମିତି ବିରିଡି ଓ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ, ବିରିଡି ର ନୋଟିସ ବୋର୍ଡରେ ଜନସାଧାରଣଙ୍କ ଅବଗତି ପାଇଁ ତା ୨୧.୦୮.୨୦୨୫ ରିଖ ଦିନ ଏକ ଚିଠା ପ୍ରକାଶନ କରାଯିବ । ଉକ୍ତ ପ୍ରାର୍ଥିନୀ ତାଲିକାରେ ଥିବା ପ୍ରାର୍ଥିନୀମାନଙ୍କ ବାସସ୍ଥାନ ,ଶିକ୍ଷାଗତ ଯୋଗ୍ୟତା ,ଜାତିଗତ ଓ ଅନ୍ୟାନ୍ୟ ପ୍ରମାଣ ପତ୍ର ଉପରେ ଯଦି କାହାର କୌଣସି ଆପତ୍ତି ଅଭିଯୋଗ ଥାଏ ,ତାହାହେଲେ ତା ୨୨.୦୮.୨୦୨୫ ଠାରୁ ୨୮.୦୮.୨୦୨୫ ମଧ୍ୟରେ ଅନଲାଇନ ମାଧ୍ୟମରେ "http://engagement-awc.odisha.gov.in" ୱେବସାଇଟ ରେ ଅଭିଯୋଗ କରିପାରିବେ। ଅଫଲାଇନ ମାଧ୍ୟମରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ। ନିର୍ଦ୍ଧାରିତ ତାରିଖ ମଧ୍ୟରେ ମିଳିଥିବା ଆପତ୍ତି ଅଭିଯୋଗ ଗୁଡିକର ଚୟନ କମିଟି ଦ୍ୱାରା ତଦାରଖ କରାଯିବ ।

ଏ ସମସ୍ତ କାର୍ଯ୍ୟକୁ ଭିତି କରି ପ୍ରାର୍ଥିନୀ ଚୟନ ପାଇଁ ଚୂଡାନ୍ତ ତାଲିକା ପରବର୍ତ୍ତୀ ୭ ଦିନ ମଧ୍ୟରେ ପ୍ରକାଶ କରଯାଇପାରେ ଏବଂ କୌଣସି ଅନିବାର୍ଯ୍ୟ କାରଣ ବଶତ ତାଲିକା ପ୍ରକାଶ ପାଇଁ ନୋଟିସ ମାଧ୍ୟମରେ ପରିବର୍ତ୍ତନ କରଯାଇପାରେ।ପ୍ରକାଶ ଥାଉକି ଉକ୍ତ ବିଜ୍ଞାପନ ସମ୍ବନ୍ଧରେ ପରବର୍ତ୍ତୀ ସମୟରେ କିଛି ପରିବର୍ତ୍ତନ ପାଇଁ ନୋଟିସ ଦିଆଯାଇପାରେ କିମ୍ବା କୌଣସି କାରଣ ନଦର୍ଶାଇ ନାକଚ କରିବାର କ୍ଷମତା ସମ୍ପୃକ୍ତ ଅଧିକାରୀଙ୍କର ରହିଛି।

**କିପରି ଆବେଦନ କରିବେ :-**

ଆବେଦନକାରୀ online ମାଧ୍ୟମରେ (http://engagement-awc.odisha.gov.in) (public login) ଆବଶ୍ୟକୀୟ ଫର୍ମ ପୂରଣ କରି ନିଜର ସମସ୍ତ ପ୍ରମାଣ ପତ୍ର ଗୁଡିକର ଅବିକଳ ନକଲ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଅପଲୋଡ (upload ) କରିବେ । **କେବଳ ଅନଲାଇନ ମାଧ୍ୟମରେ ଅପଲୋଡ (upload ) ହୋଇଥିବା ପ୍ରମାଣପତ୍ର ଗୁଡିକୁ ବିଚାରକୁ ନିଆଯିବ ।**

**ଆବେଦନ କାରୀ ନିମ୍ନ ଲିଖିତ ପ୍ରମାଣ ପତ୍ର ଗୁଡିକୁ ଅନଲାଇନ ମାଧ୍ୟମରେ ଅପଲୋଡ କରିବେ ।**

୧: ଏକଗୋଟି ପାସପୋର୍ଟ ସାଇଜ ଫଟୋଗ୍ରାଫ ଏବଂ ଦସ୍ତଖତ ଅନଲାଇନ ମାଧ୍ୟମରେ ଅପଲୋଡ କରିବେ।

୨: ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାର ପ୍ରମାଣପତ୍ର ।

୩: ଦ୍ୱାଦଶ ଶ୍ରେଣୀ ( +୨ ) ଏବଂ ତ୍ଵଦୁର୍ଦ୍ଧ ଶିକ୍ଷାଗତ ଯୋଗ୍ୟତା ର ପ୍ରମାଣପତ୍ର ଏବଂ ଦ୍ୱାଦଶ ଶ୍ରେଣୀ (+୨) ପରୀକ୍ଷା ର ମାର୍କ ସିଟ

୪: ତହସିଲଦାରଙ୍କ ଠାରୁ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର । ବିବାହିତା/ବିଧବା ପ୍ରାର୍ଥିନୀ ହୋଇଥିଲେ ସ୍ୱାମୀଙ୍କ ନାମ ଥାଇ ବାସିନ୍ଦା ପ୍ରମାଣପତ୍ର ଦେବା ଆବଶ୍ୟକ। ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ୫ ବର୍ଷ ମଧ୍ୟର ହୋଇଥିବା ଆବଶ୍ୟକ ।

୫:ହରିଜନ କିମ୍ବା ଆଦିବାସୀ ହୋଇଥିଲେ ତହସିଲଦାରଙ୍କ ଠାରୁ ଜାତି ପ୍ରମାଣପତ୍ର ।

୬: ବିଧବା ହୋଇଥିଲେ ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର ।
୭: ଅନାଥ (orphan) ହୋଇଥିଲେ ସରକାରୀ ସ୍ୱୀକୃତିପ୍ରାପ୍ତ ଅନାଥ ଆଶ୍ରମ ରୁ ବିଧିବଦ୍ଧ ପ୍ରମାଣପତ୍ର।
୮: ନିରାଶ୍ରୟ ମହିଳା(Destitute)/ପରିତ୍ୟକ୍ତା ମହିଳା (Deserted) ହୋଇଥିଲେ ତହସିଲଦାର ଙ୍କ ଠାରୁ ବିଧିବଦ୍ଧ ପ୍ରମାଣପତ୍ର
୯ : ସ୍ୱାମୀ ପରିତ୍ୟକ୍ତା ହୋଇଥିଲେ କୋର୍ଟ ରୁ ଡିଗ୍ରୀ ପ୍ରମାଣପତ୍ର ।(Divorce order)
୧୦: ଭିନ୍ନକ୍ଷମ ୪୦% ରୁ ଉର୍ଦ୍ଧ ହୋଇଥିଲେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ (C.D.M.O) ଙ୍କ ଠାରୁ ପ୍ରମାଣପତ୍ର ।
୧୧: ସମଗ୍ର ଶିକ୍ଷା ଅଭିଯାନ /NPEGEL ଅଧୀନରେ ECCE କର୍ମୀ ହୋଇଥିଲେ DPC ଙ୍କ ଠାରୁ ଅଭିଜ୍ଞତା ପ୍ରମାଣପତ୍ର।

**ଅନ ଲାଇନ ମାଧ୍ୟମରେ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାର ପ୍ରମାଣପତ୍ର, ଦ୍ୱାଦଶ ଶ୍ରେଣୀ ( +୨ ) ଶିକ୍ଷାଗତ ଯୋଗ୍ୟତା ର ପ୍ରମାଣପତ୍ର, ଦ୍ୱାଦଶ ଶ୍ରେଣୀ (+୨) ପରୀକ୍ଷା ର ମାର୍କ ସିଟ ଓ ବୈଧତା ଥିବା ସ୍ଥାୟୀ ବାସିନ୍ଦାର ପ୍ରମାଣପତ୍ର ଅପଲୋଡ ହୋଇଥିବା ନିହାତି ଆବଶ୍ୟକ ଅଟେ । ଦ୍ୱାଦଶ ଶ୍ରେଣୀ ( +୨ ) ଶିକ୍ଷାଗତ ଯୋଗ୍ୟତା ର ପ୍ରମାଣ ପାତ୍ର ଓ ଦ୍ୱାଦଶ ଶ୍ରେଣୀ (+୨) ପରୀକ୍ଷା ର ମାର୍କ ସିଟ ଅନଲାଇନ ରେ ଏକା ଥରକେ ଗୋଟିଏ PDF ଫାଇଲ କରି ଅପଲୋଡ କରିବେ ।**

ଅ-ପ୍ରଧାନ
୦୪.୮.୨୦୨୪

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ବିରିଡି

ପରିପତ୍ର ସଂଖ୍ୟା: ୮୦୫ //ତାରିଖ : ୦୪.୦୮.୨୦୨୪

ଏହାର ଏକକିତା ନକଲ ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଉକ୍ତ କାର୍ଯ୍ୟାଳୟ ନୋଟିସ ବୋର୍ଡ ରେ ଜାରି କରାଗଲା । ଏହାର ତିନି କିତା ନକଲ ସମ୍ପୃକ୍ତ ଅଙ୍ଗନବାଡିକେନ୍ଦ୍ର ଦାୟିତ୍ୱ ରେ ଥିବା ଅଙ୍ଗନବାଡି କର୍ମୀ ଓ ସୁପରଭାଇଜର ଙ୍କ ନିକଟକୁ ପ୍ରେରଣ କରାଯାଇ ନିର୍ଦ୍ଦେଶ ଦିଆଗଲା ଯେ, ଅଙ୍ଗନବାଡି କେନ୍ଦ୍ର ଅଞ୍ଚଳର ୩ ଗୋଟି ଜନ ଗହଳି ସ୍ଥାନରେ ଲଟକଜାରି କରାଇବା ସହିତ ଏହାର ବହୁଳ ପ୍ରଚାର କରାଇବା ସଙ୍ଗେସଙ୍ଗେ ସମ୍ପୃକ୍ତ ଅଞ୍ଚଳର ଅଧିବାସୀ ମାନଙ୍କ ଠାରୁ ଦସ୍ତଖତ ଆଣି କାର୍ଯ୍ୟାଳୟ ରେ ଦାଖଲ କରିବାକୁ ଜଣାଇ ଜଣାଇ ଦିଆଗଲା ।

ଅ-ପ୍ରଧାନ
୦୪.୮.୨୦୨୪

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ବିରିଡି

ପରିପତ୍ର ସଂଖ୍ୟା: ୮୦୬ //ତାରିଖ : ୦୪.୦୮.୨୦୨୪

ଏହାର ଏକକିତା ନକଲ ସମ୍ପୃକ୍ତ ସରପଞ୍ଚଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ତାଙ୍କ ପଞ୍ଚାୟତ ଅଧିନସ୍ଥ ଅଙ୍ଗନବାଡି କେନ୍ଦ୍ର ପରିସର ଭୁକ୍ତ ଅଞ୍ଚଳରେ ବହୁଳ ପ୍ରଚାର ପାଇଁ ପଦକ୍ଷେପ ନେବେ ଓ ଜନସାଧାରଣ ଙ୍କ ଅବଗତି ନିମନ୍ତେ ପଞ୍ଚାୟତ କାର୍ଯ୍ୟାଳୟ ସୂଚନା ଫଳକରେ ଲଟକାଇବାର ବ୍ୟବସ୍ଥା କରାଇବେ।

ଅ-ପ୍ରଧାନ
୦୪.୮.୨୦୨୪

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ବିରିଡି

ଅ.ପୃ.ଦ୍ର

ପରିପତ୍ର ସଂଖ୍ୟା:----୮୨୭----//ତାରିଖ :----୦୫.୦୮.୨୦୨୫----

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିରିଡି/ ସ୍ୱାସ୍ଥ୍ୟ ଅଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର , ବିରିଡି/ ତହସିଲଦାର ,ବିରିଡି/ବ୍ଲକ୍ ଶିକ୍ଷା ଅଧିକାରୀ,ବିରିଡି ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଜନସାଧାରଣ ଙ୍କ ଅବଗତି ନିମନ୍ତେ ସେ ତାଙ୍କ ସୂଚନା ଫଳକରେ ଲଟକାଇବାର ବ୍ୟବସ୍ଥା କରାଇବେ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ବିରିଡି

ପରିପତ୍ର ସଂଖ୍ୟା:----୮୨୮----//ତାରିଖ :----୦୫.୦୮.୨୦୨୫----

ଏହାର ଏକକିତା ନକଲ ଅଧକ୍ଷ /ଉପାଧକ୍ଷ ପଞ୍ଚାୟତ ସମିତି ବିରିଡି ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ବିରିଡ

ପରିପତ୍ର ସଂଖ୍ୟା:----୮୨୯----//ତାରିଖ :----୦୫.୦୮.୨୦୨୫----

ଏହାର ଏକକିତା ନକଲ ଜିଲ୍ଲାପାଳ, ଜଗତସିଂହପୁର / ଉପ ଜିଲ୍ଲାପାଳ, ଜଗତସିଂହପୁର/ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜଗତସିଂହପୁର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ବିରିଡି

**ବିଶେଷ ସୂଚନା**

୧। ଅନଲାଇନ ମାଧମରେ ଆବେଦନ କରିବାର ନିର୍ଦ୍ଧାରିତ ସମୟ ତା ୦୭.୦୮.୨୦୨୫ ରିଖ ଠାରୁ ୨୦.୦୮.୨୦୨୫ ରିଖ ପର୍ଯ୍ୟନ୍ତ। କୌଣସି ଅଫଲାଇନ ଆବେଦନ ଗ୍ରହଣ କରାଯିବ ନାହିଁ।

୨ । ଆବେଦନକାରୀ ଦିଆଯାଇଥିବା http://engagement-awc.odisha.gov.in ପୋର୍ଟାଲ କୁ ଯାଇ public sign up କରି ନିଜର user id ଓ password ତିଆରିକରି public login ମାଧମରେ login କରି dashboard ରୁ AWW engagement କୁ ଯାଇ ନିର୍ଦ୍ଧାରିତ ସମୟ ମଧ୍ୟରେ ଆବେଦନ କରିବେ।

୩। ଆବେଦନ କରିବା ସମୟରେ applicant details, educational qualification details(upload certificate and mark sheet) attachment ପୂରଣ କରି save as draft କରି ଭଲ ଭାବେ ଦେଖି submit କରନ୍ତୁ।

୪। ପ୍ରାର୍ଥିନୀ ମାନେ ମଧ୍ୟ website http://engagement-awc.odisha.gov.in ପୋର୍ଟାଲ ରେ home page how to apply for aww vacancy tab କୁ ଯାଇ ଦରଖାସ୍ତ କରିବାର ସମସ୍ତ ପ୍ରକ୍ରିୟା ଜାଣିପାରିବେ।

୫ ।ଅନଲାଇନ ରେ ଦରଖାସ୍ତ ଦାଖଲ ସମନ୍ଧରେ ସ୍ପଷ୍ଟିକରଣ ନିମନ୍ତେ ପ୍ରାର୍ଥିନୀ ମାନେ ନିମ୍ନ ସ୍ୱାକ୍ଷରକାରୀ ଙ୍କ ସହିତ କାର୍ଯ୍ୟାଳୟ ସମୟ ମଧ୍ୟରେ ଯୋଗାଯୋଗ କରିପାରିବେ।

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ବିରିଡି